# ସୁସମ୍ବାଦ କାହାଣୀ ପୁସ୍ତିକା

## ଚାରି



ଏହା ମୋର ଶୁଭ ସମ୍ବାଦ ବହି ଚାରି

ମୋର ନାମ

______________________________

ମୁଁ ମୋର ସୁସମ୍ବାଦ କାହାଣୀ ବହି ଚାରି ପଢି ପାରୁଛି

ଏହି କାହାଣୀଗୁଡିକ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପବିତ୍ର ପୁସ୍ତକରୁ ନିଆଯାଇଅଛି ।
ଏହି କାହାଣୀ ବହିରେ ଥିବା ସମସ୍ତ ଚିତ୍ରାଙ୍କନ ଭାରତୀୟ ଜନଜାତି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ।
ସୁସମ୍ବାଦ କାହାଣୀ ପୁସ୍ତିକାର ଚାରି । କାର୍ଯ୍ୟକ୍ରମ ନିୟମାବଳୀ 2015 ସଂକଳନ । ଭାରତରେ
ପ୍ରକାଶିତ । ଅଧିକ ଜାଣିବା ପାଇଁ: WBTC India, P.O. Box 8478, Bangalore 560084.
Email: info@wbtcindia.com କୁ ଯୋଗାଯୋଗ କରନ୍ତୁ ।





ସ୍ୱର୍ଗରୁ ଅଗ୍ନି............................................2-17
ଅଗ୍ନିର ବଳୟ.......................................18-32

# ସ୍ୱର୍ଗରୁ ଅଗ୍ନି

ଅନେକ, ଅନେକ, ଅନେକ ବର୍ଷ ବିତିଗଲା ।

ଲୋକମାନେ ଭିନ୍ନ ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାନ କରୁଥିବା ମୁଁ ଦେଖିବାକୁ ପାଉଛି ।







ମୁଁ ଜଣେ ପୁରୁଷଙ୍କୁ ଦେଖିପାରୁଛି ।

ତାହାଙ୍କ ନାମ ଏଲିୟ ।

ଏଲିୟ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରୁଛନ୍ତି ।

ଯେଉଁମାନେ ଭିନ୍ନ ଦେବତାଗଣଙ୍କ
ଉଦ୍ଦେଶ୍ୟରେ ଗାନ କରୁଛନ୍ତି, ସେମାନଙ୍କୁ
ଏଲିୟ ଏପରି କହୁଥିବା ମୁଁ ଶୁଣିପାରୁଛି,
'ଯଦି ତୁମ୍ଭ ଦେବତାଗଣ ସତ୍ୟ ଈଶ୍ୱର,
ତେବେ ଏହି ବେଦି ଉପରକୁ ଉର୍ଦ୍ଧ୍ୱରୁ ଅଗ୍ନି
ଆଣିବାକୁ କହନ୍ତୁ ।
ଯଦି ସୃଷ୍ଟିକର୍ତ୍ତା ଈଶ୍ୱର ସତ୍ୟ ଈଶ୍ୱର
ଅଟନ୍ତି, ତେବେ ତା'ଙ୍କୁ ବେଦି ଉପରକୁ
ଅଗ୍ନି ଆଣିବାକୁ କହନ୍ତୁ ।'
ଯୁଦ୍ଧ ଆରମ୍ଭ ହେଉଛି...







ଲୋକମାନଙ୍କୁ, ଯେଉଁମାନେ ଅନ୍ୟ
ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାନ
କରୁଛନ୍ତି, ସେମାନେ ଏକ ବେଦି ନିର୍ମାଣ
କରୁଥିବା ମୁଁ ଦେଖିପାରୁଛି ।
ଲୋକମାନଙ୍କୁ, ଯେଉଁମାନେ ଅନ୍ୟ
ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାନ
କରୁଛନ୍ତି, ସେମାନେ ବେଦୀ ଉପରେ
ଏକ ବୃଷକୁ ରଖୁଥିବା ମୁଁ ଦେଖିପାରୁଛି ।

ଲୋକମାନଙ୍କୁ, ଯେଉଁମାନେ ଅନ୍ୟ
ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାନ
କରୁଛନ୍ତି, ସେମାନେ ଗାନ କରୁଥିବା,
ପ୍ରାର୍ଥନା କରୁଥିବା, ନାଚ କରୁଥିବା ଓ
ଉପରକୁ ତଳକୁ...ଏବଂ ଉପରକୁ ତଳକୁ...
ଏବଂ ଉପରକୁ ତଳକୁ...କୁଦା ମାରୁଥିବା
ମୁଁ ଦେଖିପାରୁଛି ।







ଲୋକମାନଙ୍କୁ, ଯେଉଁମାନେ ଭିନ୍ନ
ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାନ
କରୁଛନ୍ତି ମୁଁ ସେମାନଙ୍କୁ ଦେଖିପାରୁଛି,
ସେମାନେ ମନୋଯୋଗୀ ହୋଇ
ଶୁଣୁଛନ୍ତି...ଶୁଣୁଛନ୍ତି...ଶୁଣୁଛନ୍ତି...

ସେହି ଭିନ୍ନ ଦେବତାମାନେ ଉତ୍ତର ଦେଉନାହାନ୍ତି ।







ଯେଉଁମାନେ ଭିନ୍ନ ଦେବତାଗଣଙ୍କ
ଉଦ୍ଦେଶ୍ୟରେ ଗାନ କରୁଛନ୍ତି, ସେମାନଙ୍କୁ
ଏଲିୟ ଏପରି କହୁଥିବା ମୁଁ ଶୁଣିପାରୁଛି,
'ଉଚ୍ଚ ସ୍ୱରରେ ପ୍ରାର୍ଥନା କର, ଅଧିକ ସମୟ
ନାଚ ଏବଂ ଉର୍ଦ୍ଧ୍ୱକୁ କୁଦାମାର ।
ହୁଏତ ତୁମର ଦେବତାମାନେ
ଶୋଇପଡିଛନ୍ତି ।'

ଲୋକମାନଙ୍କୁ, ଯେଉଁମାନେ ଅନ୍ୟ
ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାନ
କରୁଛନ୍ତି, ସେମାନେ ଉଚ୍ଚ ସ୍ୱରରେ ପ୍ରାର୍ଥନା
କରୁଥିବା, ଅଧିକ ସମୟ ନାଚ କରୁଥିବା ଓ
ଉପରକୁ ତଳକୁ...ଏବଂ ଉପରକୁ ତଳକୁ...
ଏବଂ ଉପରକୁ ତଳକୁ...ଉଚ୍ଚକୁ କୁଦା
ମାରୁଥିବା ମୁଁ ଦେଖିପାରୁଛି ।







ଲୋକମାନଙ୍କୁ, ଯେଉଁମାନେ ଭିନ୍ନ
ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାନ
କରୁଛନ୍ତି ମୁଁ ସେମାନଙ୍କୁ ଦେଖିପାରୁଛି,
ସେମାନେ ମନୋଯୋଗୀ ହୋଇ
ଶୁଣୁଛନ୍ତି...ଶୁଣୁଛନ୍ତି...ଶୁଣୁଛନ୍ତି...
ସେହି ଭିନ୍ନ ଦେବତାମାନେ ଉତ୍ତର
ଦେଉନାହାନ୍ତି ।

ଏଲିୟଙ୍କୁ, ଯେ କି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ଉଦ୍ଦେଶ୍ୟରେ ଗାନ କରୁଛନ୍ତି, ସେ ଏକ
ବେଦି ନିର୍ମାଣ କରୁଥିବା ମୁଁ ଦେଖିପାରୁଛି ।

ଏଲିୟଙ୍କୁ, ଯେ କି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ଉଦ୍ଦେଶ୍ୟରେ ଗାନ କରୁଛନ୍ତି, ସେ
ବେଦୀ ଉପରେ ଏକ ବୃଷକୁ ରଖୁଥିବା ମୁଁ
ଦେଖିପାରୁଛି ।







ଏଲିୟଙ୍କୁ, ଯେ କି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ଉଦ୍ଦେଶ୍ୟରେ ଗାନ କରୁଛନ୍ତି, ବେଦୀର
ଚତୁଃପାର୍ଶ୍ୱରେ ପାଣି ଢାଳୁଥିବା...
ଢାଳୁଥିବା...ଢାଳୁଥିବା ମୁଁ ଦେଖିପାରୁଛି ।

ଏଲିୟ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଏପରି କହୁଥିବା,
ମୁଁ ଶୁଣିପାରୁଛି
'ଦୟାକରି ମୋତେ ଉତ୍ତର ଦିଅନ୍ତୁ, ଯଦ୍ଦ୍ୱାରା
ଲୋକମାନେ କେବଳ ତୁମ୍ଭର ଉଦ୍ଦେଶ୍ୟରେ
ଗାନ କରିବେ ।'





ସମସ୍ତେ ଦେଖୁଛନ୍ତି...ଅପେକ୍ଷା କରିଛନ୍ତି...
ଅନାଇ ରହିଛନ୍ତି...

ତା'ପରେ ଏହିପରି ହେଲା !
ସୃଷ୍ଟିକର୍ତ୍ତା ଈଶ୍ୱର ବେଦୀ ଉପରକୁ ଅଗ୍ନି ପଠାଇଲେ !







ସମସ୍ତ ଲୋକ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନକରୁଥିବା ମୁଁ ଦେଖିପାରୁଛି ।
ଲୋକସକଳ ଏପରି କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ଈଶ୍ୱର ଅଟନ୍ତି ।'

# ଅଗ୍ନିର ବଳୟ

ଅନେକ ବର୍ଷ ବିତିଗଲା ।
ମୁଁ ଜଣେ ରାଜାଙ୍କୁ ଦେଖିପାରୁଛି ।
ରାଜାଙ୍କୁ ଏକ ସୁବର୍ଣ୍ଣ ପ୍ରତିମା
ନିର୍ମାଣ କରୁଥିବା
ମୁଁ ଦେଖିପାରୁଛି ।







ରାଜା ଲୋକମାନଙ୍କୁ ଏପରି କହୁଥିବା
ମୁଁ ଶୁଣିପାରୁଛି,
'ସୁବର୍ଣ୍ଣ ପ୍ରତିମା ଉଦ୍ଦେଶ୍ୟରେ ଗାନକର,
ନଚେତ୍ ମୁଁ ତୁମ୍ଭମାନଙ୍କୁ ଅଗ୍ନି ମଧ୍ୟରେ
ନିକ୍ଷେପ କରିବି ।'

ଦେଖ, ଅଗ୍ନି ଅତି ଉତ୍ତପ୍ତ...ଉତ୍ତପ୍ତ...ଉତ୍ତପ୍ତ !







ମୁଁ ଦେଖିପାରୁଛି ତିନିଜଣ ଯୁବା ସୃଷ୍ଟିକର୍ତ୍ତା
ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନକରୁଛନ୍ତି ।
ତିନିଜଣ ଯୁବା ଏପରି କହୁଥିବା ମୁଁ
ଶୁଣିପାରୁଛି,
'ଆମ୍ଭେ କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ଉଦ୍ଦେଶ୍ୟରେ ଗାନ କରିବୁ ।'

ରାଜାଙ୍କୁ ଅଧିକ, ଅଧିକ, ଅଧିକ
ରାଗିଯାଇଥିବା ମୁଁ ଦେଖିପାରୁଛି ।







ରାଜା ଏପରି କହୁଥିବା ମୁଁ ଶୁଣିପାରୁଛି,
'ଯେଉଁମାନେ କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ
ଉଦ୍ଦେଶ୍ୟରେ ଗାନ କରନ୍ତି, ସେହି ତିନି
ଜଣ ଯୁବାଙ୍କୁ ଅଗ୍ନିରେ ନିକ୍ଷେପ କର !'

ଦେଖ, ଅଗ୍ନି ଅତି ଉତ୍ତପ୍ତ...ଉତ୍ତପ୍ତ...ଉତ୍ତପ୍ତ !





ସେହି ତିନିଜଣ ଯୁବାଙ୍କୁ, ଯେଉଁମାନେ କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରଛନ୍ତି, ସେମାନେ ଅଗ୍ନିରେ ନିକ୍ଷିପ୍ତ ହୋଇଛନ୍ତି ମୁଁ ଦେଖ୍ପାରୁଛି ।



ଦେଖ, ଅଗ୍ନି ଅତି ଉତ୍ତପ୍ତ...ଉତ୍ତପ୍ତ...ଉତ୍ତପ୍ତ !







ରାଜା ଏପରି କହୁଥିବା ମୁଁ ଶୁଣିପାରୁଛି,
'ଦେଖ, ସେହି ତିନିଯୁବା ଅଗ୍ନି ମଧ୍ୟରେ
ଚାଲୁଅଛନ୍ତି !
ବର୍ତ୍ତମାନ ସେଠାରେ ଚାରିଜଣ
ଅଗ୍ନିମଧ୍ୟରେ  ଚାଲୁଛନ୍ତି !
ସେହି ତିନିଯୁବା ଓ ଚତୁର୍ଥ ଜଣକ ଜଣେ
ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ସଦୃଶ୍ୟ !'

ରାଜା, ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରୁଥିବା ତିନି ଯୁବାଙ୍କୁ କହୁଛନ୍ତି ମୁଁ ଶୁଣିପାରୁଛି, 'ସେହି ଭୟଙ୍କର ଅଗ୍ନି ମଧ୍ୟରୁ ବାହାରି ଆସ!'







ଦେଖ, ଅଗ୍ନି ଅତି ଉତ୍ତପ୍ତ...ଉତ୍ତପ୍ତ...ଉତ୍ତପ୍ତ!

ସେହି ତିନି ଯୁବାଙ୍କୁ ଅଗ୍ନି ମଧ୍ୟରୁ ବାହାରି
ଆସୁଥିବା ମୁଁ ଦେଖିପାରୁଛି ।
ସେହି ତିନି ଯୁବାଙ୍କ ଅଗ୍ନିଦ୍ୱାରା କୌଣସି କ୍ଷତି
ହୋଇ ନାହିଁ ମୁଁ ଦେଖିପାରୁଛି ।







ରାଜା ଏପରି କହୁଥିବା ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ
ଗାନ କର ।
ସୃଷ୍ଟିକର୍ତ୍ତା ଈଶ୍ୱର ସେହି ତିନି ଯୁବାଙ୍କୁ
ଅଗ୍ନିମଧ୍ୟରୁ ଉଦ୍ଧାର କଲେ ।'

ରକ୍ଷା କରିବାକୁ ଅନ୍ୟ କୌଣସି ଦେବତାର ଶକ୍ତି ନାହିଁ ।

ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ଈଶ୍ୱର ଅଟନ୍ତି ।

ସୃଷ୍ଟିକର୍ତ୍ତା ଈଶ୍ୱର ଆସୁଅଛନ୍ତି...

